# ଆମ ଭାଷା ଆମ ସାହିତ୍ୟ

## ତୃତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ଆସରେ ଧରିବା ଜହ୍ନ

ଦଳେ ପିଲାମାଙ୍କଡ଼ ପୋଖରୀରେ ଜହ୍ନକୁ ଦେଖିଲେ । ଆକାଶର ଜହ୍ନକୁ ପାଣି ଭିତରେ ଦେଖି ମାଙ୍କଡ଼ମାନଙ୍କ ଖୁସି କହିଲେ ନ ସରେ । ସେମାନଙ୍କ ଭିତରୁ ଜଣେ କହିଲା, "ଆରେ ଦେଖରେ, ପୋଖରୀ ଭିତରେ ଜହ୍ନ ! ଚାଲ, ତାକୁ ଧରିବା ।"



ଜହ୍ନକୁ କେମିତି ଧରିବେ ସମସ୍ତେ ଉପାୟ ପାଞ୍ଚିଲେ । ସମସ୍ତେ ଉପାୟ ପାଞ୍ଚୁଥିବା ବେଳେ ଜଣେ ଜହ୍ନକୁ ଆଗ ଧରିବା ପାଇଁ ବ୍ୟସ୍ତ ହୋଇ ପଡ଼ିଲା । ତେଣୁ ସେ କିଛି ଚିନ୍ତା ନ କରି ପୋଖରୀ ଭିତରକୁ ମାରିଲା ଗୋଟାଏ କୁଦା । ହେଲେ ଜହ୍ନ କାହିଁ ? ପାଣି ଭିତରୁ ଜହ୍ନ ଏକବାର ଛୁ ।

ପାଣିରେ ପହଁରୁଥିବା ମାଙ୍କଡ଼ଟି କହିଲା, "ଆରେ, କୁଆଡ଼େ ଗଲା ଜହ୍ନ ?" ଅନ୍ୟମାନେ ଗଛ ଉପରୁ କହିଲେ - "ତୋ କୁଦାରେ ବୋଧହୁଏ ସେ ଡରିଗଲା ।" ଓଦା ଜୁବୁବୁଡୁ ମାଙ୍କଡ଼ଟି ଗଛକୁ ଚଢ଼ି ଅନ୍ୟମାନଙ୍କ ସହ ଡାଳରେ ବସିଲା ।

କିଛି ସମୟ ଗଲା । ମାଙ୍କଡ଼ମାନେ ପୁଣି ଦେଖିଲେ ପୋଖରୀ ଭିତରେ ଜହ୍ନ । ଜହ୍ନକୁ ବାରମ୍ବାର ଅତି ପାଖରେ ଦେଖି ପୁଣି ଇଚ୍ଛା ହେଲା ତାକୁ ଧରିବା ପାଇଁ ।

ଏଥର ସେମାନେ ଗୋଟିଏ ନୂଆ ଯୋଜନା କଲେ। ଯୋଜନା କଲାବେଳେ ଚୁପ୍ ଚୁପ୍ କଥାହେଲେ, ନ ହେଲେ ହୁଏତ ଜହ୍ନ ଶୁଣିନେବ। ସେମାନେ ସ୍ଥିରକଲେ, ଜଣେ ଅନ୍ୟ ଜଣକର ହାତ ଧରାଧରି ହୋଇ ଗଛରୁ ତଳକୁ ଲଟକିବେ ଓ ଚୁପ୍‌ଚାପ୍ ଜହ୍ନକୁ ଧରି ପକାଇବେ।



ଏହିପରି ଯୋଜନା କରି ସେମାନେ ଆରମ୍ଭ କରିଦେଲେ ଜହ୍ନ ଧରିବା କାମ। ଏତେବେଳଯାଏ ବୁଢ଼ାମାଙ୍କଡ଼ଟିଏ ଗଛରେ ଥାଇ ଏମାନଙ୍କର କାମ ଦେଖୁଥାଏ।

ମାଙ୍କଡ଼ମାନେ ହାତ ଧରାଧରି ହୋଇ ଡାଳରେ ଲଟକୁଥିବା ବେଳେ ପ୍ରଥମ ମାଙ୍କଡ଼ଟି ଧରିଥିବା ଡାଳଟି ହଠାତ୍ ମଡ୍ କରି ଭାଙ୍ଗିଗଲା।

ତା'ପରେ ......... ତା'ପରେ ........... ତା'ପରେ କ'ଣ ହେଲା ?

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପାଞ୍ଚିଲେ, କୁଦା, ଲଟକିବା, ସ୍ଥିର କରିବା, ଯୋଜନା, ବାରମ୍ବାର, ଲୁଚକାଳି।

## ଶିକ୍ଷକଙ୍କ ପାଇଁ ସୂଚନା

- ପ୍ରତିବିମ୍ବ କିପରି ସୃଷ୍ଟି ହୁଏ ବୁଝାଇବାକୁ ଦର୍ପଣରେ ଏବଂ ପାଣିରେ ପରୀକ୍ଷା କରି ଦେଖାଇବେ ।
- ପ୍ରତିବିମ୍ବ ବା ଛାଇ ବସ୍ତୁ ନୁହେଁ, ଏହି ଜ୍ଞାନ ପିଲାମାନେ ଅଭିଜ୍ଞତାରୁ ହାସଲ କରିବେ ।




୧. ଆସ ଆମେ ତଳେ ଦିଆଯାଇଥିବା ଚିତ୍ର ଦେଖି ଗପଟିକୁ ଆଗେଇ ନେବା ।



୨. ତୁମେ ତୁମ ସାଙ୍ଗମାନଙ୍କୁ ପଚାର, ସେମାନେ କହନ୍ତୁ । ସାଙ୍ଗମାନେ ପଚାରନ୍ତୁ, ତୁମେ କହ ।

(କ) ମାଙ୍କଡ଼ମାନେ କେଉଁଠାରେ ଜହ୍ନକୁ ଦେଖିଲେ ?

(ଖ) କୁଦା ମାରିଥିବା ମାଙ୍କଡ଼ଟି ଜହ୍ନକୁ ଧରିଲା କି ?

(ଗ) ସେ ଜହ୍ନ କୁଆଡ଼େ ଗଲାବୋଲି ପଚାରିବାରୁ ଅନ୍ୟମାନେ କ'ଣ ଉତ୍ତର ଦେଲେ ?

(ଘ) ମାଙ୍କଡ଼ମାନଙ୍କ ଯୋଜନା କିଏ ଶୁଣୁଥିଲା ?

(ଙ) ମାଙ୍କଡ଼ମାନେ ଧରାଧରି ହୋଇ ଲଟକିଲା ବେଳେ କ'ଣ ହେଲା ?

୩. ଉତ୍ତର ଲେଖ ।

(କ) ମାଙ୍କଡ଼ମାନେ କାହିଁକି ଜହ୍ନକୁ ଧରିପାରିଲେ ନାହିଁ ?

________________________________________

________________________________________

(ଖ) ସେମାନେ କାହିଁକି ଚୁପ୍ ଚୁପ୍ କଥା ହୋଇ ଯୋଜନା କରୁଥିଲେ ?

________________________________________

________________________________________

୪. ଗଛର ଛାଇ, ଦର୍ପଣରେ ତୁମର ପ୍ରତିବିମ୍ବ, ପାଣିରେ ଥିବା ବେଙ୍ଗ, ପାଣି ଭିତରେ ଥିବା ମାଛ, ଜଳରେ ଥିବା ବଗର ଛାଇ - ଏଗୁଡ଼ିକ ଭିତରୁ ଯାହାକୁ ଧରି ପାରିବ, ତାକୁ ଧରି କଳସୀରେ ଭର୍ତ୍ତି କର।



୫. ଆସ, ତଳେ ଥିବା କୋଠରିରୁ ଶବ୍ଦ ନେଇ ଖାଲି କୋଠରି ପୂରଣ କରିବା।

| କହିଲେ ନସରେ, ବୋଧହୁଏ, ବାରମ୍ବାର, ନହେଲେ |
|---|

କ) ନାଟକ ଦେଖିବା କଥା ଶୁଣି ମନୁର ଖୁସି [ ] ।

ଖ) ଗୀତଟିକୁ [ ] ଶୁଣିଲେ ଗୀତଟି ମନେରହେ।

ଗ) ଏତେବେଳଯାଏ ତୁମେ ଅଙ୍କଟି କରିପାରୁନ, ତୁମେ [ ] ମନଦେଇ କରୁନାହଁ।

ଘ) ଖସଡ଼ା ରାସ୍ତାରେ ସାବଧାନରେ ଚାଲ, [ ] ପଡ଼ିଯାଇ ପାର।

୬. ତଳେ ଦିଆଯାଇଥିବା ଚିତ୍ରରେ ଚଢ଼େଇଟି କ'ଣ କରୁଛି ଓ କାହିଁକି ଏପରି କରୁଛି ପାଞ୍ଚଟି ବାକ୍ୟରେ ଲେଖ।



______________________________

______________________________

______________________________

______________________________

______________________________

୭. ଜୁଡୁବୁଡୁ, ଧରାଧରି, ଯୋଜନା, ବ୍ୟସ୍ତ – ଶବ୍ଦଗୁଡ଼ିକୁ ଲଗାଇ ଗୋଟିଏ ଗୋଟିଏ ବାକ୍ୟ ଲେଖ ଓ ତୁମ ସାଙ୍ଗକୁ ପଢ଼ାଅ ।

______________________ ______________________

______________________ ______________________

୮. କିଏ କେଉଁ ଗୁଡ଼ି ଉଡ଼ାଇବ ଗାର ଟାଣି ଦେଖାଅ ।




୯. ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଗପଟିଏ ଲେଖ ।

